କେନ୍ଦ୍ରୀୟ ଅବକାରୀ ଆୟୁକ୍ତ, ନୂଆଦିଲ୍ଲୀ

*ବନାମ*

ଲାଇଫଲଙ୍ଗ୍ ଆପ୍ଲାଏନସେସ୍ ଲିମିଟେଡ୍

9 ମାର୍ଚ୍ଚ, 2006

[ଡା. ଆର୍. ଲକ୍ଷ୍ମଣନ ଏବଂ ଦଲବୀର ଭଣ୍ଡାରୀ, ନ୍ୟାୟମୂର୍ତ୍ତିଦ୍ୱୟ]

କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନିୟମ, 1944:

*ଧାରା 57 - CC - ସାମଗ୍ରୀ ଉତ୍ପାଦନରେ ବ୍ୟବହୃତ ଉପାଦାନଗୁଡ଼ିକ ଉପରେ ମୋଡଭାଟ୍ କ୍ରେଡିଟ୍ ନ ନେବାର ଆବଶ୍ୟକତାକୁ ସନ୍ତୁଷ୍ଟ କରୁଥିବା ନିର୍ମାତା - ନିର୍ଣ୍ଣୟ କରାଯାଇଥିଲା, ମାମଲାଟି ନିୟମ 57-CC ତଥା ଚନ୍ଦ୍ରପୁର ମ୍ୟାଗ୍ନେଟ୍ ୱାୟାରସ୍ ମାମଲା* ଦ୍ୱାରା ଅନ୍ତର୍ଭୁକ୍ତ*

**ଚନ୍ଦ୍ରପୁର ମ୍ୟାଗ୍ନେଟ୍ ୱାୟାରସ୍ (ପି) ଲିମିଟେଡ୍ ବନାମ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ନାଗପୁର* **(1996) 81 ELT 3 SC, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5660/2000

ଆବେଦନ ସଂଖ୍ୟା E-317/99-Bରେ ନୂଆଦିଲ୍ଲୀର CEGATର 26.4.2000 ତାରିଖର ଚୂଡ଼ାନ୍ତ ଆଦେଶ ସଂଖ୍ୟା 626/00-B ରୁ ।

ଆବେଦନକାରୀଙ୍କ ପକ୍ଷରୁ ହରିଶ ଚନ୍ଦ୍ର, ସୁଶ୍ରୀ ଶାଲିନୀ କୁମାର ଏବଂ ପି. ପରମେଶ୍ୱରନ ।

ଉତ୍ତରଦାତାଙ୍କ ପକ୍ଷରୁ ଆଲୋକ ଯାଦବ ଏବଂ ଏମ୍. ପି. ଦେବନାଥ ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଏବଂ ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ । ଏହି ଆବେଦନରେ ଆପେକ୍ଷିତ କରାଯାଇଥିବା ଆଦେଶକୁ ଆମେ ଅନୁଧ୍ୟାନ କରିଛୁ । ତଥ୍ୟଗତ ପ୍ରସଙ୍ଗ ଅନୁଯାୟୀ ନ୍ୟାୟଧିକରଣ ନିର୍ଣ୍ଣୟ କରିଥିଲେ ଯେ ରିହାତିଯୁକ୍ତ ସାମଗ୍ରୀଗୁଡ଼ିକର ଉତ୍ପାଦନରେ ବ୍ୟବହୃତ ଉପାଦାନଗୁଡ଼ିକ ଉପରେ *ମୋଡଭାଟ୍ କ୍ରେଡିଟ୍* ନ ନେବାର ଆବଶ୍ୟକତାକୁ ଆବେଦନକାରୀ ସନ୍ତୁଷ୍ଟ କରିଛନ୍ତି ଏବଂ ସେଥିପାଇଁ ଉପାଦାନଗୁଡ଼ିକରେ

ମୋଡଭାଟ୍ କ୍ରେଡିଟ୍ କୁ ବ୍ୟବହାର ନକରିବା ସମ୍ବନ୍ଧରେ ସେମାନଙ୍କ ମାମଲା ନିର୍ଦ୍ଦିଷ୍ଟ ଭାବରେ ନିୟମ 57 - CC ତଥା *ଚନ୍ଦ୍ରପୁର ମ୍ୟାଗ୍ନେଟ୍ ୱାୟାର (ପି) ଲିମିଟେଡ଼* ବନାମ *କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ନାଗପୁରର,* ଯାହା ବିଷୟରେ (1996) 81 ELT 3 SC ରେ ବିବୃତ ରହିଛି, ନିର୍ଣ୍ଣୟ ଦ୍ୱାରା ଅନ୍ତର୍ଭୁକ୍ତ । ତେଣୁ, ରାଜସ୍ୱ ବିଭାଗର ନିର୍ଦ୍ଦେଶକ୍ରମେ ଏହି ଆପେକ୍ଷିତ ଆଦେଶରେ ହସ୍ତକ୍ଷେପ କରାଯାଇପାରିବନାହିଁ । ଆବେଦନଟି ବିଫଳ ହୋଇଛି ଏବଂ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନ ଖାରଜ ହୋଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ